15

# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

Misc.(Alienation) Case No. 13 /2024

ପ୍ରକ୍ରିୟା ସଂଖ୍ୟା 1173 ତା 14.5.2025

## ବିଜ୍ଞାପନ

ଏତଦ୍ୱାରା କାଞ୍ଜିଆମା ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, କାଞ୍ଜିଆମା ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କାଞ୍ଜିଆମା ଅବସ୍ଥିତ ଏବଂ ଉକ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ସପକ୍ଷରେ ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି । କିନ୍ତୁ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ସର୍ବସାଧାରଣ ଓ କିସମ ଦଣ୍ଡା ଅଟେ ଏବଂ ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି ଓଡିଶା ସରକାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ପ୍ରାଥମିକ ବିଦ୍ୟାଳୟ, କାଞ୍ଜିଆମାଙ୍କ ସପକ୍ଷରେ ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ସର୍ବସାଧାରଣ ରୁ ଆବାଦ ଯୋଗ୍ୟ ଅନାବାଦି ଓ କିସମ ଦଣ୍ଡା ରୁ ପତିତ ପରିବର୍ତନ ହେବାର ଆବଶ୍ୟକତା ରହିଅଛି ।

ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମିକୁ ଓଡିଶା ସରକାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ପ୍ରାଥମିକ ବିଦ୍ୟାଳୟ, କାଞ୍ଜିଆମାଙ୍କ ସପକ୍ଷରେ ବନ୍ଦୋବସ୍ତ ହେବା ପ୍ରସ୍ତାବରେ ଯଦି କାହାର କୌଣସି ଆପତ୍ତି ଓ ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଲିଖିତ ଆକାରରେ ଅଦାଲତ ଫି ଟ. ୨୦.୦୦ (କୋଡିଏ) ଙ୍କାର ମୁଦ୍ରା ସହ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଜଣାଇବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତି ଓ ଅଭିଯୋଗ ଗ୍ରହଣ କରାନଯାଇ ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ମିଆଦ ଗତେ କାହାର କିଛି ଆପତି ଓ ଅଭିଯୋଗ ଗ୍ରହଣ କରାଯିବ ନାହି ।

### ତଫସିଲ

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପୁରା ରକବା (ଏ.ସି) | ଆବଶ୍ୟକ ରକବା (ଏ.ସି) | କିସମ |
|---|---|---|---|---|---|
| କାଞ୍ଜିଆମା | ୩୯୬ (ସର୍ବସାଧାରଣ) | ୧୯୩୪ | ୦.୦୦୮ | ୦.୦୦୮ | ଦଣ୍ଡା |
| | | ୧୯୩୫ | ୦.୮୯୦ | ୦.୧୭୦ | ଦଣ୍ଡା |
| ମୋଟ | | | ୦.୮୯୮ | ୦.୧୭୮ | |

ତହସିଲଦାର, ଶେରଗଡ

ଏଥିର ଏକକିତା ନକଲ District Informatics Officer, Ganjam, Chatrapur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ବିହିତ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ତହସିଲଦାର, ଶେରଗଡ

ଏଥିର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜସ୍ୱ ନିରୀକ୍ଷକ, ସନ୍ତୋଷପୁରଙ୍କ କର୍ଯ୍ୟାଳୟର ବିଜ୍ଞାପନ ଫଳକ ପ୍ରଚାର ପାଇଂ ନାଜରଙ୍କ ନିକଟକୁ ପଠାଗଲା ଏବଂ ଆଇନାନୁଯାୟୀ ଜାରି କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ତହର ଗ୍ରା. ପ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ

Scanned with OKEN Scanner

# ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ (ଗଞ୍ଜାମ)

Misc. (Alienation) Case No. 14/2024

ପ୍ରକ୍ରିୟା ସଂଖ୍ୟା 1174 ତା 14.5.2025

## ବିଜ୍ଞାପନ

ଏତଦ୍ୱାରା ଖମାର ଓ ପାତ୍ରପୁର ଗ୍ରାମର ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଖମାର ଓ ପାତ୍ରପୁର ଗ୍ରାମର ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିରେ ସରକାରୀ ଉଚ ପ୍ରାଥମିକ ବିଦ୍ୟାଳୟ, ଖମାର ଆଜକୁ ବହୁ ବର୍ଷ ଧରି ଅବସ୍ଥିତ ଏବଂ ଉକ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ସପକ୍ଷରେ ବନ୍ଦୋବସ୍ତ ନିମନ୍ତେ ପ୍ରସ୍ତାବ ରହିଅଛି । କିନ୍ତୁ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ରକ୍ଷିତ, ଆବାଦ ଯୋଗ୍ୟ ଅନାବାଦି ଓ ସର୍ବସାଧାରଣ ଏବଂ କିସମ ବିଦ୍ୟାଳୟ, ବିଲ ଦୋଫସଲି-୧ ଓ ପତିତ ଅଟେ । ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମି ଓଡିଶା ସରକାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମାର୍ଫତ- ସରକାରୀ ଉଚ ପ୍ରାଥମିକ ବିଦ୍ୟାଳୟ, ଖମାରଙ୍କ ସପକ୍ଷରେ ବନ୍ଦୋବସ୍ତ ହେବା ପୂର୍ବରୁ ଏହାର ଖାତା ରକ୍ଷିତ ଓ ସର୍ବସାଧାରଣ ରୁ ଆବାଦ ଯୋଗ୍ୟ ଅନାବାଦି ଏବଂ କିସମ ବିଦ୍ୟାଳୟ ଓ ବିଲ ଦୋଫସଲି-୧ ରୁ ପତିତ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଅଛି ।

ଏଣୁ, ଉକ୍ତ ତଫସିଲ ଭୁକ୍ତ ସରକାରୀ ଜମିର ଖାତା ଓ କିସମ ପରିବର୍ତ୍ତନ ହେବା ପ୍ରସ୍ତାବରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ, ତେବେ ଏହି ବିଜ୍ଞାପନ ଜାରି ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଲିଖିତ ଆକାରରେ ଅଦାଲତ ଫି ବାବଦକୁ ଟ. ୨୦.୦୦ (କୋଡିଏ) ଙ୍କା ମୁଦ୍ରା ସହ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଜଣା କରିବେ । ନିର୍ଦ୍ଧାରିତ ସମୟ ଗତେ କୌଣସି ଆପତି ଅଭିଯୋଗ ଗ୍ରହଣ ନକରି ଆଇନାନୁଯାୟୀ କାର୍ଯ୍ୟ ସମ୍ପାଦନ କରାଯିବ ଏବଂ ମିଆଦ ଗତେ କାହାର କିଛି ଆପତି ଅଭିଯୋଗ ଗ୍ରହଣ କରାଯିବ ନାହି ।

## ତଫସିଲ

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପୁରା ରକବା (ଏ. ସି) | ଆବଶ୍ୟକ ରକବା (ଏ. ସି) | କିସମ |
|---|---|---|---|---|---|
| ଖମାର | ୪୮୧ (ରକ୍ଷିତ) | ୧୦୪୮ | ୦.୮୪୮ | ୦.୮୪୮ | ବିଦ୍ୟାଳୟ |
| ପାତ୍ରପୁର | ୫୦୧ (ଆ.ଯୋ.ଅ) | ୩୧୫ | ୦.୨୨୩ | ୦.୨୨୩ | ବିଲ ଦୋଫସଲି -୧ |
| | ୫୦୩ (ସର୍ବସାଧାରଣ) | ୩୧୬ | ୦.୦୭୮ | ୦.୦୭୮ | ବିଲ ଦୋଫସଲି -୧ |
| | | ୩୧୭ | ୦.୧୧୪ | ୦.୧୧୪ | ପତିତ |
| | ୫୦୪ (ରକ୍ଷିତ) | ୧୩୧୯ | ୦.୧୯୦ | ୦.୧୯୦ | ବିଲ ଦୋଫସଲି -୧ |
| ମୋଟ | | | ୧.୪୫୩ | ୧.୪୫୩ | |

ତହସିଲଦାର, ଶେରଗଡ

(ପର ପୃଷ୍ଠା ଦେଖନ୍ତୁ)

Scanned with OKEN Scanner

ଏଥିର ଏକକିତା ନକଲ District Informatics Officer, Ganjam, Chatrapur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି, ଏହା ସର୍ବସାଧାରଣଙ୍କ ଅବଗତି ଓ ପ୍ରଚାର ନିମନ୍ତେ ଏହି ବିଜ୍ଞାପନ ଜାରି ହେବା ଦିନ ଠାରୁ ୧୫ (ପନ୍ଦର) ଦିନ ପର୍ଯ୍ୟନ୍ତ http://ganjam.nic.in ଉପଲବ୍ଧ କରାଇବା ହେବେ ।

ଏଥିର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜସ୍ୱ ନିରୀକ୍ଷକ, ଢେଙ୍କିଶାଳଙ୍କ କର୍ଯ୍ୟାଳୟର ବିଜ୍ଞାପନ ଫଳକ ପ୍ରଚାର ପାଇଁ ନାଜରଙ୍କ ନିକଟକୁ ପଠାଗଲା ଏବଂ ଆଇନାନୁଯାୟୀ ଜାରି କରି ଏଥିର ନକଲ ଫେରସ୍ତ ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ଏଥିର ଏକକିତା ନକଲ ସରପଞ୍ଚ, ମହୁପଦର ଗ୍ରା. ପଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର, ଶେରଗଡ

Asst. NAZIR
Tahasil Office
Sheragada (Gm)